# ODM PUBLIC SCHOOL

SESSION : 16

CLASS : V

SUBJECT : ଓଡ଼ିଆ

CHAPTER NUMBER:07

CHAPTER NAME: ଜାପାନ ଅନୁଭୂତି

SUBTOPIC : ବିଷୟ ଆଲୋଚନା ଓ ଶବ୍ଦାର୍ଥ

CHANGING YOUR TOMORROW

# ଜାପାନ ଅନୁଭୂତି ।

ସନାତନ ପଣ୍ଡା

ODM EDUCATIONAL GROUP
Changing your Tomorrow

ଦୈନନ୍ଦିନ ଜୀବନରେ ଆବର୍ଜନାର ପରିମାଣ କମାଇବା ପାଇଁ ଜାପାନୀମାନେ ମୂଳରୁ ସତର୍କତା ଅବଲମ୍ବନ କରିଥାନ୍ତି।ସେମାନେ ଖାଇବା ସମୟରେ ଖାଦ୍ୟ ନଷ୍ଟ କରନ୍ତି ନାହିଁ ।ଯେତିକି ଖାଇବେ ସେତିକି ନିଅନ୍ତି । ଜିନିଷ କିଣିବାବେଳେ ଯେଉଁ ଜିନିଷ ଶୀଘ୍ର ନଷ୍ଟ ହୁଏ ନାହିଁ ସେପରି ଜିନିଷ କିଣିବାକୁ ପସନ୍ଦ କରିଥାନ୍ତି । ଦ୍ୱିତୀୟତଃ ଥରେ ବ୍ୟବହାର ପରେ ଜାପାନୀମାନେ କୌଣସି ଜିନିଷ ସଙ୍ଗେ ସଙ୍ଗେ ଫିଙ୍ଗି ଦିଅନ୍ତି ନାହିଁ । ପ୍ରତ୍ୟେକ ଜିନିଷ ଫୋପାଡ଼ିବା ପୂର୍ବରୁ ଏହା କେଉଁ ଉପାୟରେ  ବ୍ୟବହାର କରାଯାଇପାରିବ ଚିନ୍ତା କରିଥାନ୍ତି,ଅଯଥା ଦୋକାନରୁ ପଲିଥିନ୍ ଟିଏ ନ ଆଣିସେମାନେ ନିଜ ବ୍ୟାଗରେ ଜିନିଷ ଆଣିବାକୁ ପସନ୍ଦ କରିଥାନ୍ତି । ତୃତୀୟତଃ ଅଳିଆ ଫୋପାଡ଼ିବା ସମୟରେ ସେମାନେ ଦେଖନ୍ତି,କେଉଁଗୁଡ଼ିକର ପୁନଃଚକ୍ରଣ ସମ୍ଭବ । କେଉଁଟି ଦାହ୍ୟ ବା ଅଦାହ୍ୟ । ସେଇ ଅନୁସାରେ ସେମାନେ ଭିନ୍ନ ଭିନ୍ନ ଡଷ୍ଟବିନ୍ ରେ ପକାଇଥାନ୍ତି ।

Edit with WPS Office

# LEARNING OBJECTIVE

ବିଷୟ ଆଲୋଚନା ମାଧ୍ୟମରେ ଲବ୍ଧଜ୍ଞାନ ।

Edit with WPS Office

# କଠିନ ଶବ୍ଦର ଅର୍ଥ

ODM EDUCATIONAL GROUP
Changing your Tomorrow

ଦୈନନ୍ଦିନ –ନିତିଦିନିଆ
ସତର୍କତା –ସାବଧାନତା
ଅବଲମ୍ବନ –ଗ୍ରହଣ,ଧାରଣ

Edit with WPS Office

# ଜାପାନ ଅନୁଭୂତି

ODM EDUCATIONAL GROUP
Changing your Tomorrow

ପୁନଃଚକ୍ରଣ ପଦ୍ଧତିରେ ଜାପାନୀମାନେ ବର୍ଜ୍ୟବସ୍ତୁରୁ ବହୁ ବ୍ୟବହାର୍ଯ୍ୟ ପଦାର୍ଥ ଯଥା-ନାନା ରଙ୍ଗର ପୋଷାକ,ବୋତଲ,ଟ୍ରେ,କାର୍ଟୁନ୍ ଇତ୍ୟାଦି ତିଆରି କରିଥାନ୍ତି । ଜାପାନର ଓକିନାୱା ରାଜ୍ୟର ୟୋମେଇ ସିନିଅର ହାଇସ୍କୁଲରେ ଆମେ ଗୋଟେ ଦିନ କଟାଇବାର ସୁଯୋଗ ପାଇଥିଲୁ । ଏ ଦେଶର ଶତ ପ୍ରତିଶତ ଲୋକ ସାକ୍ଷର । ସେଠାରେ ୧୫ବର୍ଷ ବୟସ ପର୍ଯ୍ୟନ୍ତ ଶିକ୍ଷା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ।ଶିଶୁମାନେ ୪ରୁ ୬ବର୍ଷ ବୟସ ପର୍ଯ୍ୟନ୍ତ ୩ବର୍ଷ କେ.ଜି. ସ୍କୁଲ୍ କୁ ଯାଆନ୍ତି। ଏହା ପରେ ୭ରୁ ୧୨ବର୍ଷ ବୟସ ପର୍ଯ୍ୟନ୍ତ ୬ବର୍ଷ ପ୍ରାଥମିକ ଶିକ୍ଷା ଓ ୧୩ରୁ ୧୫ବର୍ଷ ବୟସ ପର୍ଯ୍ୟନ୍ତ ୩ବର୍ଷର ଜୁନିଅର ହାଇସ୍କୁଲ୍ ଶିକ୍ଷା ବାଧ୍ୟତାମୂଳକ । ଏହାପରେ ୧୬ବର୍ଷରୁ ୧୮ବର୍ଷ ବୟସ ପର୍ଯ୍ୟନ୍ତ ମଧ୍ୟ ୩ବର୍ଷର ହାଇସ୍କୁଲ୍ ଶିକ୍ଷା ବ୍ୟବସ୍ଥା ରହିଛି ।

Edit with WPS Office

# କଠିନ ଶବ୍ଦର ଅର୍ଥ

ODM EDUCATIONAL GROUP
Changing your Tomorrow

ପଦ୍ଧତି –ଧାରା,ପ୍ରଣାଳୀ
ଶତପ୍ରତିଶତ –ଶହେ ଭାଗ

Edit with WPS Office

# ଗୃହକର୍ମ

ODM EDUCATIONAL GROUP
Changing your Tomorrow

ପଠିତାଂଶରୁ ବିପରୀତ ଶବ୍ଦ ବାଛି ଲେଖ ।

Edit with WPS Office

# LEARNING OUTCOME:

ଶବ୍ଦାର୍ଥ ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ  ।

Edit with WPS Office

# THANKING YOU

# ODM EDUCATIONAL GROUP

Edit with WPS Office